# ଶିବ ତାଣ୍ଡବ ସ୍ତୋତ୍ର

ମସ୍ତକ କେଶ ନିଃସୃତ, ସଲିଳେ କଣ୍ଠ ପାବିତ, କଣ୍ଠ ଦେଶ ସୁଶୋଭିତ, ଭୁଜଙ୍ଗମାଳା ଅଦ୍‌ଭୁତ ।
ଡମଟ୍ ଡମଟ୍ ଡମଟ୍ ଡମଟ୍, ଡମ୍ବରୁ ଶବ୍ଦ ନିର୍ଗତ, ତାଣ୍ଡବ ନୃତ୍ୟରେ ରତ, ପିନାକୀ ସାଧନ୍ତୁ ହିତ ।୧।

ଜଟିଳ ଜଟା ନିର୍ଗତ, ତରଙ୍ଗିଣୀ ଗଙ୍ଗା ପୂତ, ତରଙ୍ଗ ମସ୍ତକେ ସ୍ଥିତ, ଦୃଶ୍ୟେ ଦୃଶ୍ୟ ସୁଶୋଭିତ ।
କପାଳ ଦେଶେ ପାବକ, ଅତ୍ୟୁଜ୍ଜଳ ପ୍ରଜ୍ଵଳିତ, ଅର୍ଦ୍ଧଚନ୍ଦ୍ର ଆଭୂଷିତ, ସଦାଶିବେ ଅନୁରକ୍ତ ।୨।

ସମସ୍ତ ବ୍ରହ୍ମାଣ୍ଡ ପ୍ରାଣୀ, ଯା ଚିତ୍ତେ ଗଚ୍ଛିତ ପୁଣି, ପର୍ବତ-ପୁତ୍ରୀ ପାର୍ବତୀ, ପତ୍ନୀ ସର୍ବବ୍ୟାପୀଙ୍କର ।
ସର୍ବଲୋକ ଯା ପୋଷାକ, କୃପାଦୃଷ୍ଟି କରେ ମୁକ୍ତ, ବିପଦୁ ସେ ସଦାଶିବେ, ଖୋଜୁ ମନ ଆନନ୍ଦର ।୩।

କଟା ଭ୍ରମିତ ପିଙ୍ଗଳ, କୁଣ୍ଡଳୀ ମଣି ଉଜ୍ଜଳ, ଦିଗ୍‌ବଧୂ ମୁଖମଣ୍ଡଳ, କଦମ୍ବ କୁଙ୍କୁମ ବର୍ଣ୍ଣ ।
ମଦମତ୍ତ ହସ୍ତୀଚର୍ମ, ବସ୍ତ୍ରେ ଯାହା ଆଚ୍ଛାଦନ, ଶିବଦ ଜୀବ ରକ୍ଷଣ, ଆନନ୍ଦ କର ପ୍ରଦାନ ।୪।

ଦେବରାଜ ଆଦି ଦେବ, ମସ୍ତକ ସୁମନ ସର୍ବ, ରେଣୁପାତେ ପାଦାସନ, ରଞ୍ଜିତ  ପ୍ରଗାଢ଼ ବର୍ଣ୍ଣ ।
ମସ୍ତକେ ଚନ୍ଦ୍ର ମୁକୁଟ, ସର୍ପମାଳେ ବନ୍ଧାଜଟ, ସମୃଦ୍ଧି ପ୍ରଦାନେ ଶିବ, କରନ୍ତୁ ହିତ ସାଧନ ।୫।

କପାଳ ଦେଶେ ଜ୍ଵଳନ୍ତ, ସ୍ଫୁଲିଙ୍ଗରେ ଭସ୍ମୀଭୂତ, କାମଦେବ ଶିରସ୍ଥିତ, ଅର୍ଦ୍ଧଚନ୍ଦ୍ର ସୁଶୋଭିତ ।
ସର୍ବ ଦେବଙ୍କ ନମସ୍ୟ, ଯେଉଁ ଶିବହିଁ ଅବଶ୍ୟ, ଶିରଜଟରୁ ଅଶେଷ, ସିଦ୍ଧି-ସମ୍ପତ୍ତି ପ୍ରାପତ ।୬।

ଧଗଦ୍ ଧଗଦ୍ ଶବ୍ଦାନ୍ୱିତ, ଉଗ୍ରକପାଳେ ଜ୍ଵଳନ୍ତ, ପାବକେ ସ୍ମର ଆହୁତ, ପଞ୍ଚବାଣ ଶକ୍ତିବନ୍ତ ।
ଅଦ୍ଵିତୀୟ କଳାକାର, ପାର୍ବତୀ ସ୍ତନ ମଣ୍ଡଳ, ରେଖାଙ୍କନେ ଧୁରନ୍ଧର, ତ୍ରିଲୋଚନେ ଅନୁରକ୍ତ ।୭।

ବ୍ରହ୍ମାଣ୍ଡ ଭାର ବହନ, ସଦା ସଦାଶିବକ୍ଷମ, ମସ୍ତକେ ଚନ୍ଦ୍ର ଭୂଷଣ, ଗାତ୍ରେ ଜାହ୍ନବୀ ଧାରଣ ।
ମଧରାତ୍ରି ମେଘାଚ୍ଛନ୍ନ, ଅମାବସ୍ୟା ତମସମ, ପଞ୍ଚବକ୍ତ୍ର କଣ୍ଠ ବର୍ଣ୍ଣ, ଐଶ୍ବର୍ଯ୍ୟ କରନ୍ତୁ ଦାନ ।୮।

ସଂସାର ବନ୍ଧନନାଶୀ, ସ୍ମର ତ୍ରିପୁର ବିଧ୍ଵଂସୀ, ବାରଣ ଯଜ୍ଞ ଅନ୍ଧକ, ଧର୍ମରାଜ ବିନାଶକ ।
ବିକଶିତ ନୀଳୋତ୍ପଳ, ଅବଲମ୍ବୀ କଣ୍ଠସ୍ଥଳ, ଦୃଶ୍ୟ ବ୍ରହ୍ମାଣ୍ଡ କାଳିମା, ଭଜେ ତାତ ବିନାୟକ ।୯।

ରମ୍ୟ କଦମ୍ବ ସୁମନ, ସୁଗନ୍ଧିତ ମଧୁପାନ, ମଧୁପ ଉଡ୍‌ଡୀୟମାନ, ଚତୁଃପାର୍ଶ୍ଵ ପଞ୍ଚାନନ ।
ସ୍ମର ତ୍ରିପୁର ବାରଣ, ଅନ୍ଧକ ଭବବନ୍ଧନ, ଯଜ୍ଞ ଯମ ବିନାଶନ, ସଦା ସଦାଶିବେ ମଗ୍ନ ।୧୦।

ଭ୍ରମିତ ଭୁଜଙ୍ଗ ଶ୍ଵାସେ, ଜ୍ଵଳନ୍ତ କପାଳ ଦେଶେ, ଅଗ୍ନିଶିଖା ଚକ୍ରୀ ବେଶେ, ନଭଃଦେଶେ ପ୍ରସାରିତ ।
ମୃଦଙ୍ଗ ଧ୍ଵନି କମ୍ପିତ, ଶୃଙ୍ଖଳିତ ଲୟଯୁକ୍ତ, ମନୋହାରୀ ପଞ୍ଚବକ୍ତ୍ର, ତାଣ୍ଡବ ନର୍ତ୍ତନେ ରତ ।୧୧।

ମହାରାଜା ପ୍ରଜାଗଣ, ତୃଣ କମଳ ନୟନ, ପ୍ରତିପକ୍ଷ ମିତ୍ରଗଣ, କର୍ଦମ ଅମୂଲ୍ୟ ରତ୍ନ ।
ସଂସାର ରୂପ ବିଭିନ୍ନ, ମୋତିମାଳ ଭୁଜଙ୍ଗମ, ଯେ ଶିବ ସମଦର୍ଶନ, କେବେ କରିବି ପୂଜନ ।୧୨।

ନମାମି ପାର୍ବତୀ ପତି, ନମାମି ଜାହ୍ନବୀ ପତି, ନମାମି ଭକ୍ତ ବତ୍ସଳ, ନମାମି ରକ୍ତ ଲୋଚନ ।
ନମାମି ଚନ୍ଦ୍ରଶେଖର, ନମାମି ଦୁଃଖ ମୋଚନ, ପାଦ ପଙ୍କଜ ତୁମ୍ଭର, ମୁହିଁ କରୁଛି ସ୍ମରଣ ।୧୩।

ରାବଣ କୃତ ଏ ସ୍ତୋତ୍ର ପାଠୀ ଶିବ ସମକ୍ଷରେ ।
ଲଭେ ପୁତ୍ର ପୌତ୍ର ସୁଖ ଅନ୍ତେ ମୋକ୍ଷ ଲାଭକରେ ॥